ମେସର୍ସ ଭାରତ କୋକିଙ୍ଗ କୋଇଲା ଲିମିଟେଡ୍

ବନାମ

ମେସର୍ସ  ସି. କେ. ଆହୁଜା ଏବଂ ଅନ୍ୟଜଣେ

ଫେବୃଆରୀ 14, 1995

[ପି. ବି. ସାୱନ୍ତ ଏବଂ ଜି. ଏନ. ରାୟ, ନ୍ୟାୟମୂର୍ତ୍ତିଦ୍ୱୟ]

*ମଧ୍ୟସ୍ଥତା ଅଧିନିୟମ, 1940- ଧାରା 14(2), 17 ଏବଂ 29- ଅଧିନିର୍ଣ୍ଣୟ- ଆପତ୍ତି ଦାଖଲ କରିବାରେ ବିଳମ୍ବ - ସର୍ବୋଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ନିଯୁକ୍ତ ମଧ୍ୟସ୍ଥି ଥିବା କ୍ଷେତ୍ରରେ ଅଧିନିର୍ଣ୍ଣୟ ସମ୍ବନ୍ଧୀୟ କାରବାର ପାଇଁ ବିଚାରପୀଠ- କୁହାଗଲା, ଅଧିନିର୍ଣ୍ଣୟ ସମ୍ବନ୍ଧରେ ଆପତ୍ତି, ବିଚାରପୀଠ ସମ୍ବନ୍ଧରେ ଆପତ୍ତି ସମେତ, ସୀମାବଦ୍ଧତାର ଅବଧିର ଦୀର୍ଘ ସମୟ ପରେ ଦାଖଲ କରାଯିବା ଏବଂ ଗୁଣବତ୍ତା ଉପରେ ମଧ ଖାରଜ କରାଯିବା ଉଚିତ - ପୁନଶ୍ଚ କୁହାଗଲା, ଯେଉଁଠାରେ ସର୍ବୋଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ନିଯୁକ୍ତ ମଧ୍ୟସ୍ଥି ଏବଂ ଆଉ କୌଣସି ନିର୍ଦ୍ଦେଶ ଦିଆଯାଇନାହିଁ, ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ସେଠାରେ ବିଚାରପୀଠ ସର୍ବୋଚ୍ଚ ନ୍ୟାୟାଳୟ ଅଟନ୍ତି- ତମାଦି ।*

**ଏହି ନ୍ୟାୟାଳୟ 12 ନଭେମ୍ବର, 1991 ର ଆଦେଶ ଦ୍ୱାରା ବିବାଦ ଏବଂ ମତଭେଦକୁ ପକ୍ଷମାନଙ୍କ ସମ୍ମତି ଦ୍ୱାରା ମଧ୍ୟସ୍ଥତା ପାଇଁ ପଠାଇଥିଲେ ।  ତା 14 ଫେବୃଆରୀ 1994 ରିଖରେ ମଧ୍ୟସ୍ଥିଙ୍କ ଅଧିନିର୍ଣ୍ଣୟ ଏହି ନ୍ୟାୟାଳୟ  ସମ୍ମୁଖରେ ଦାଖଲ କରାଯାଇଥିଲା । ରେଜିଷ୍ଟ୍ରି 29 ଏପ୍ରିଲ, 1994 ରେ ଉଭୟ ପକ୍ଷର ଓକିଲଙ୍କୁ ଅଧିନିର୍ଣ୍ଣୟ ଦାଖଲ କରିବାକୁ ବିଜ୍ଞପ୍ତି ଦେଇଥିଲେ । ପ୍ରତିବାଦୀମାନେ ମଧ୍ୟସ୍ଥତା ଅଧିନିୟମ, 1940 ଅଧୀନରେ ଏକ ଆବେଦନ କରିଥିଲେ ଯେ ଅଧିନିର୍ଣ୍ଣୟକୁ ନ୍ୟାୟାଳୟର ନିୟମ କରାଯିବା ଉଚିତ ଏବଂ ଅଧିନିର୍ଣ୍ଣୟ ଦାଖଲ ତାରିଖ ଠାରୁ ସେମାନଙ୍କୁ 24 ପ୍ରତିଶତ ହାରରେ ସୁଧ ପ୍ରଦାନ କରାଯିବ । ଯେତେବେଳେ ମଧ୍ୟବର୍ତ୍ତୀକାଳୀନ ଆବେଦନଗୁଡ଼ିକ ଶୁଣାଣୀ ପାଇଁ ଆସିଲା, ଆବେଦନକାରୀ ନୂତନ ବିଜ୍ଞପ୍ତି ପାଇଁ ପ୍ରାର୍ଥନା କରିଥିଲେ ଯାହା ପ୍ରତିବାଦୀମାନଙ୍କ ଯୁକ୍ତି ପ୍ରତି ପ୍ରତିକୂଳ ପ୍ରଭାବ ନ କରି ଜାରି କରାଯାଇଥିଲା ଯେ ଆପତ୍ତି ଦାଖଲ କରିବାର ଅବଧି ପୂର୍ବରୁ ତମାଦି ହୋଇସାରିଛି । ଏହା ପରେ ମଧ, ଅକ୍ଟୋବର 3, 1994 ରେ ଅଧିନିର୍ଣ୍ଣୟର ଯାଞ୍ଚ କରାଯାଇଥିବାବେଳେ, ନଭେମ୍ବର 20, 1994 ରେ ଅଧିନିର୍ଣ୍ଣୟ  ଉପରେ ଆପତ୍ତି ଦାଖଲ କରାଯାଇଥିଲା, ଅର୍ଥାତ୍ ଏହିପରି ଯାଞ୍ଚର 30 ଦିନ ମଧ୍ୟରେ ନୁହେଁ । ଆବେଦନକାରୀ, ଏହା ଯୁକ୍ତି କରିବା ବ୍ୟତୀତ ଯେ ଅଧିନିର୍ଣ୍ଣୟ  ସଠିକ୍ ଢଙ୍ଗରେ ଦାଖଲ କରାଯାଇନାହିଁ ଏବଂ ସ୍ୱାକ୍ଷରିତ ହୋଇନାହିଁ ଏବଂ ଆବଶ୍ୟକ ଅନୁଯାୟୀ ସେମାନଙ୍କୁ ଏକ ନକଲ  ଯୋଗାଇ ଦିଆଯାଇନାହିଁ, ଆହୁରି ଦର୍ଶାଇଛନ୍ତି ଯେ ଅଧିନିର୍ଣ୍ଣୟ  ଉପଯୁକ୍ତ ନ୍ୟାୟାଳୟରେ ଦାଖଲ କରାଯାଇନାହିଁ । ତଦନୁସାରେ, ଏହା ଅନୁରୋଧ କରାଯାଇଥିଲା ଯେ ଅଧିନିର୍ଣ୍ଣୟ  ଦାଖଲ ତାରିଖ ଠାରୁ ତମାଦି ହେବାର କୌଣସି ପ୍ରଶ୍ନ ନଥିଲା ।**

**ଆବେଦନଗୁଡ଼ିକର ଫଏସଲା କରି, ଏହି ନ୍ୟାୟାଳୟ**

**କହିଲେ: 1. ଯେଉଁଠାରେ ପକ୍ଷମାନଙ୍କ ସମ୍ମତି ଦ୍ୱାରା ଏହି ନ୍ୟାୟାଳୟ  ଦ୍ୱାରା ମଧ୍ୟସ୍ଥି ନିଯୁକ୍ତ ହୋଇଥିଲେ ଏବଂ ଉକ୍ତ ଆଦେଶରେ ଆଉ କୌଣସି ନିର୍ଦ୍ଦେଶ ଦିଆଯାଇନଥିଲା ଯାହା ସୂଚିତ କରିବ ଯେ ଏହି ନ୍ୟାୟାଳୟ  ଅଧିନିର୍ଣ୍ଣୟ  କିମ୍ବା ଅଧିନିର୍ଣ୍ଣୟରୁ ଉତ୍ପନ୍ନ ବିଷୟଗୁଡ଼ିକର ବିଚାର କରିବା ପାଇଁ ନିଜର କ୍ଷେତ୍ରାଧିକାରିତାରୁ ନିଜକୁ ହଟାଇନଥିଲେ, ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ବିଚାରପୀଠ ଏହି ନ୍ୟାୟାଳୟ ଅଟେ  । ଏପରି କ୍ଷେତ୍ରାଧିକାରିତା ରଖୁଥିବା ଅନ୍ୟ କୌଣସି ନ୍ୟାୟାଳୟର ଅନୁପସ୍ଥିତିରେ, ଏକମାତ୍ର ଉପସଂହାର ଯାହା ସମ୍ଭବ ତାହା ଏହିକି ଯେ ପରବର୍ତ୍ତୀ ଆଦେଶ କେବଳ ସେହି ନ୍ୟାୟାଳୟ ଦ୍ୱାରା ପାରିତ ହେବା ଆବଶ୍ୟକ ଯିଏ ଆଦେଶ ପାରିତ କରିଥିଲେ, ଯାହାକି, ସର୍ବୋଚ୍ଚ ନ୍ୟାୟାଳୟ ।**

*ଏମ. ପି. ରାଜ୍ୟ ବନାମ ମେସର୍ସ ସାଇଥ ଆଣ୍ଡ ସ୍କେଲଟନ୍ (ପି)* ଲିମିଟେଡ୍, **[1972] 1 ଏସସିସି 702** ଅନୁସରିତ ।

*ପଞ୍ଜାବ ରାଜ୍ୟ ବିଦ୍ୟୁତ ବୋର୍ଡ ବନାମ ଲୁଧିୟାନା ଷ୍ଟିଲସ ପ୍ରାଇଭେଟ ଲିମିଟେଡ୍,* [1993] **1 ଏସସିସି 205, ପ୍ରଭେଦନୀୟ ।**

*ଭାରତୀୟ ଖାଦ୍ୟ ନିଗମ* ବନାମ *କୁଟ୍ଟପ୍ପନ୍,* **ଜେ.ଟି. (1993) 4** *ଏସସି 90;* ନୀଳକଣ୍ଠ *ଶିଦ୍ରମାପ୍ପା ନିଙ୍ଗାଶେଟ୍ଟି* ବନାମ *କାଶୀନାଥ ସୋମନ୍ନା ନିଙ୍ଗାଶେଟ୍ଟି,* **[1962] 3 ଏସସିଆର 551** ଏବଂ *ଇଣ୍ଡିଆନ* ରେୟନ *ନିଗମ ଲିମିଟେଡ୍* ବନାମ *ରୌନକ ଏବଂ କୋ. ଘରୋଇ ଲିମିଟେଡ୍,* **[1988] 4 ଏସସିସି 31, ଉଲ୍ଲେଖ କରାଯାଇଛି ।**

**2. ଯେକୌଣସି ପରିସ୍ଥିତିରେ, ଯଦିଓ ଏହା ଅନୁମାନ କରାଯାଏ ଯେ ଏହି ନ୍ୟାୟାଳୟର ରେଜିଷ୍ଟ୍ରି ଦ୍ୱାରା ଅଧିନିର୍ଣ୍ଣୟ ଦାଖଲ କରିବାର ନୋଟିସ ଦିଆଯାଇଥିବା ସମୟରେ ଅନ୍ୟ ନ୍ୟାୟାଳୟରେ ଅଧିନିର୍ଣ୍ଣୟ ଦାଖଲ କରାଯିବା ଉଚିତ, ବିଚାରପୀଠ ବିଷୟରେ ଆପତ୍ତି ସମେତ ଅଧିନିର୍ଣ୍ଣୟ ଉପରେ ଆପତ୍ତି ଏହି ନ୍ୟାୟାଳୟ ସମ୍ମୁଖରେ ଉଠାଯିବା ଉଚିତ ଏବଂ ରେଜିଷ୍ଟ୍ରି ଦ୍ୱାରା ଦିଆଯାଇଥିବା ଅଧିନିର୍ଣ୍ଣୟ ଦାଖଲ କରିବାର ନୋଟିସକୁ ସମ୍ପୂର୍ଣ୍ଣ ଅଣଦେଖା କରିବା ପକ୍ଷମାନଙ୍କ ପାଇଁ ଉନ୍ମୁକ୍ତ ରହିବ ନାହିଁ । ତଦନୁସାରେ, ଏହି ପର୍ଯ୍ୟାୟରେ ଏପରି ଆପତ୍ତି ଉଠାଇବାକୁ ଅନୁମତି ଦିଆଯିବା ଉଚିତ ନୁହେଁ କାରଣ ଅଧିନିର୍ଣ୍ଣୟ ଉପରେ ଆପତ୍ତି ତମାଦିର ବହୁ ପରେ ଦାଖଲ କରାଯାଇଛି । ଏପରିକି ଗୁଣବତ୍ତା ଆଧାରରେ ମଧ୍ୟ ଅଧିନିର୍ଣ୍ଣୟ ବିରୁଦ୍ଧରେ କୌଣସି ହସ୍ତକ୍ଷେପ ଲୋଡ଼ା ଯାଇନାହିଁ ।**

**ଦେୱାନୀ ଆବେଦନ ଅଧିକାରିତା:** ମଧ୍ୟବର୍ତ୍ତୀକାଳୀନ ଆବେଦନ ସଂଖ୍ୟା 9 ରୁ 12/1994

ଦେୱାନୀ ଆବେଦନ ସଂଖ୍ୟା 3882-85/1990 ରେ

ସି. ଆର. ନମ୍ବର 199-202/ 1989 (ଆର) ରେ ପାଟନା ଉଚ୍ଚ ନ୍ୟାୟାଳୟଙ୍କ ତା 11.5.89 ରିଖର ରାୟ ତଥା ଆଦେଶରୁ

ଆବେଦନକାରୀଙ୍କ ପକ୍ଷରୁ ଜି. ଏଲ. ସାଙ୍ଗୀ ଏବଂ ଜି. ଏସ. ଚାଟାର୍ଜୀ ।

ପ୍ରତିବାଦୀମାନଙ୍କ ପକ୍ଷରୁ ଏମ. ସି. ଭଣ୍ଡାରେ ଏବଂ ଆର. ପି. ଗୁପ୍ତା ।

ନ୍ୟାୟାଳୟର ରାୟ ପ୍ରଦାନ କରିଥିଲେ,

**ଜି.ଏନ. ରାୟ, ନ୍ୟାୟମୂର୍ତ୍ତି ।** ଦେୱାନୀ ଆବେଦନ ସଂଖ୍ୟା 3882-85/1990 ଏବଂ ଏସଏଲପି (ଦେୱାନୀ) ସଂଖ୍ୟା 10832-33/1989 ରେ ଏହି ନ୍ୟାୟାଳୟ ତା 18 ନଭେମ୍ବର, 1991 ରିଖର ଆଦେଶ ଦ୍ୱାରା ପକ୍ଷମାନଙ୍କ ସମ୍ମତି ଦ୍ୱାରା ମଧ୍ୟସ୍ଥତା ପାଇଁ ଉକ୍ତ ଦେୱାନୀ ଆବେଦନ ଏବଂ ମଞ୍ଜୁରୀ ଆବେଦନଗୁଡ଼ିକରେ ଥିବା ବିବାଦ ଏବଂ ମତଭେଦକୁ ବିଚାରାର୍ଥେ ପଠାଇଥିଲେ 18 ନଭେମ୍ବର, 1991 ରେ ପାରିତ ହୋଇଥିବା ଆଦେଶ ନିମ୍ନଲିଖିତ ପ୍ରଭାବ ପାଇଁ ଅଟେ:-

> "ଉପରୋକ୍ତ ପ୍ରସଙ୍ଗରେ ଉଲ୍ଲେଖ କରାଯାଇଥିବା ବିବାଦ ଏବଂ ମତଭେଦଗୁଡ଼ିକ ସମ୍ମତି କ୍ରମେ ଶ୍ରୀଯୁକ୍ତ ଜେ. ପି. ଠାକୁର, ଉପ-ମୁଖ୍ୟ ଇଞ୍ଜିନିୟର (ଦେୱାନୀ) କୋୟଲାନଗର ପୋଷ୍ଟ, କୋୟଲାନଗର ଜିଲ୍ଲା, ଧାନବାଦ ଏବଂ ବିହାରଙ୍କ ମଧ୍ୟସ୍ଥତା ପାଇଁ ପଠାଯାଇଛି । ଉଭୟ ପକ୍ଷ ଦୁଇ ସପ୍ତାହ ମଧ୍ୟରେ ଉକ୍ତ ମଧ୍ୟସ୍ଥିଙ୍କ ସମ୍ମୁଖରେ ଏକ ନିୟମିତ ସନ୍ଦର୍ଭ ରାଜିନାମା ଦାଖଲ କରିବାକୁ ଅଙ୍ଗୀକାରବଦ୍ଧ ହୋଇଛନ୍ତି । ଏହାପରେ ଚାରି ମାସ ମଧ୍ୟରେ ଅଧିନିର୍ଣ୍ଣୟ ପ୍ରଦାନ କରାଯିବ ।"

ଏହାପରେ ଏକମାତ୍ର ମଧ୍ୟସ୍ଥ ସନ୍ଦର୍ଭରେ ପ୍ରବେଶ କରିଥିଲେ ଏବଂ ମଧ୍ୟସ୍ଥତାର ପକ୍ଷମାନେ ମଧ୍ୟସ୍ଥଙ୍କ ସମ୍ମୁଖରେ ହାଜର ହୋଇଥିଲେ ଏବଂ ଉପସ୍ଥାପନାମାନ କରିଥିଲେ । ଏହାପରେ ମଧ୍ୟସ୍ଥ ତା 14 ଫେବୃଆରୀ 1994 ରିଖରେ ଏକ ଅଧିନିର୍ଣ୍ଣୟ ପ୍ରଦାନ କରିଥିଲେ ଏବଂ ଏହି ଅଧିନିର୍ଣ୍ଣୟ ମଧ୍ୟସ୍ଥଙ୍କ ଦ୍ୱାରା ଏହି ନ୍ୟାୟାଳୟ ସମ୍ମୁଖରେ ଦାଖଲ କରାଯାଇଥିଲା । ଏହି ନ୍ୟାୟାଳୟର ରେଜିଷ୍ଟ୍ରି 29 ଏପ୍ରିଲ 1994 ରେ ଉଭୟ ପକ୍ଷର ଶ୍ରୀମାନ ଓକିଲଙ୍କୁ ଅଧିନିର୍ଣ୍ଣୟ ଦାଖଲର ନୋଟିସ ଦେଇଥିଲେ । ପ୍ରତିବାଦୀ ଯଥା ମେସର୍ସ ସି. କେ. ଆହୁଜା ଏବଂ ଅନ୍ୟ ଜଣେ ଅଧିକନ୍ତୁ ତା 11 ଜୁଲାଇ 1994 ରିଖରେ ଭାରତୀୟ ମଧ୍ୟସ୍ଥତା ଅଧିନିୟମର ଧାରା 14(2), 17 ଏବଂ 29 ଅଧୀନରେ ଏହି ନ୍ୟାୟାଳୟ ସମ୍ମୁଖରେ ଆବେଦନ କରିଥିଲେ ଏବଂ ଅଧିକନ୍ତୁ ଦୃଢ଼ ଅନୁରୋଧ କରିଥିଲେ ଯେ ଏକମାତ୍ର ମଧ୍ୟସ୍ଥ ଶ୍ରୀ ଜେ. ପି. ଠାକୁରଙ୍କ ଦ୍ୱାରା ଦିଆଯାଇଥିବା ତା 14 ଫେବୃଆରୀ 1994 ରିଖର ଅଧିନିର୍ଣ୍ଣୟକୁ ନ୍ୟାୟାଳୟର ନିୟମ କରାଯାଉ ଏବଂ ଅଧିନିର୍ଣ୍ଣୟ ତାରିଖ ଠାରୁ ପ୍ରଦାନ କରାଯାଇଥିବା ରାଶି ଉପରେ ଆବେଦନକାରୀମାନଙ୍କୁ 24 ପ୍ରତିଶତ ସୁଧ ଦିଆଯାଉ । ଯାହା ଜଣାପଡୁଛି ଯେ ଦେୱାନୀ ଆବେଦନ ସଂଖ୍ୟା 3882-85/1990 ଶୁଣାଣୀ ପାଇଁ ମାର୍ଚ୍ଚ 22, 1993 ରେ ତାଲିକାଭୁକ୍ତ ହୋଇଥିଲା, କିନ୍ତୁ ଏହି ସତ୍ୟକୁ ଦୃଷ୍ଟିରେ ରଖି ଯେ ଆବେଦନ ସମ୍ବନ୍ଧୀୟ ବିବାଦ ପକ୍ଷମାନଙ୍କ ସମ୍ମତି ଦ୍ୱାରା ମଧ୍ୟସ୍ଥତା ପାଇଁ ପଠାଯାଇଥିଲା, ଏହି ନ୍ୟାୟାଳୟ ମାର୍ଚ୍ଚ 22, 1993 ର ଆଦେଶ ଦ୍ୱାରା ଉକ୍ତ ଆବେଦନଗୁଡ଼ିକୁ ଖାରଜ କରିଦେଇଥିଲେ ।

ଭାରତୀୟ ମଧ୍ୟସ୍ଥତା ଅଧିନିୟମର ଧାରା 14(2), 17 ଏବଂ 29 ଅନୁଯାୟୀ ମଧ୍ୟସ୍ଥତାଗୁଡ଼ିକ ଶୁଣାଣୀ ପାଇଁ ଆସିଥିଲା, କିନ୍ତୁ ମେସର୍ସ ଭାରତ କୋକିଙ୍ଗ କୋଇଲା ଲିମିଟେଡ଼ର ଶ୍ରୀମାନ ଓକିଲ ଶ୍ରୀ ଜି. ଏସ. ଚାଟାର୍ଜୀଙ୍କ ଅନୁରୋଧକ୍ରମେ ମେସର୍ସ ଭାରତ କୋକିଙ୍ଗ କୋଲ ଲିମିଟେଡ଼ ଉପରେ ଅଧିନିର୍ଣ୍ଣୟ ଦାଖଲ ବିଷୟରେ ନୂତନ ବିଜ୍ଞପ୍ତି ଜାରି କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା । ତେବେ ସେ ଯାହା ହେଉ, ମେସର୍ସ ସି. କେ. ଆହୁଜାଙ୍କ ଶ୍ରୀମାନ ଓକିଲଙ୍କ ଯୁକ୍ତି ପ୍ରତି ପ୍ରତିକୂଳ ପ୍ରଭାବ ନ କରି ଏ'ପରି ବିଜ୍ଞପ୍ତି ଜାରି କରାଯାଇଥିଲା ଏବଂ ଅନ୍ୟଟି ଏହିକି ଯେ ଆପତ୍ତି ଦାଖଲ କରିବାର ଅବଧି ତମାଦି ଦ୍ୱାରା ପ୍ରତିବନ୍ଧିତ ହୋଇଥିଲା । ତେବେ ଏହି ଅଧିନିର୍ଣ୍ଣୟ ଉପରେ ଆପତ୍ତି 20 ନଭେମ୍ବର, 1994 ରେ ଦାଖଲ କରାଯାଇଛି ।

ଭାରତୀୟ ମଧ୍ୟସ୍ଥତା ଅଧିନିୟମର ଧାରା 14(2), 17 ଏବଂ 29 ଅନୁଯାୟୀ ଉକ୍ତ ଆବେଦନଗୁଡିକ ଦେୱାନୀ ଆବେଦନ ସଂଖ୍ୟା 3882-85/1990 ରେ ଅନ୍ତର୍ବର୍ତ୍ତୀ ଆବେଦନ ସଂଖ୍ୟା 9-12/1994 ଭାବରେ ପରିଗଣନା କରାଯାଇଛି । ଉକ୍ତ ଆବେଦନଗୁଡ଼ିକର ଶୁଣାଣୀ ସମୟରେ, ମେସର୍ସ ଭାରତ କୋକିଙ୍ଗ କୋଇଲା ଲିମିଟେଡ଼ ପକ୍ଷରୁ ହାଜର ହୋଇଥିବା ଶ୍ରୀମାନ ଓକିଲ ଯୁକ୍ତି ଦର୍ଶାଇଛନ୍ତି ଯେ ଯେହେତୁ ଅଧିନିର୍ଣ୍ଣୟଟି ଦାଖଲ କରାଯାଇନାହିଁ ଏବଂ ଉପଯୁକ୍ତ ଢଙ୍ଗରେ ସ୍ୱାକ୍ଷରିତ ହୋଇନାହିଁ, ତେଣୁ ଏହାକୁ ବିଚାରକୁ ନିଆଯିବା ଉଚିତ ନଥିଲା । ଏହା ମଧ୍ୟ ଯୁକ୍ତି କରାଯାଇଥିଲା ଯେ ଅଧିନିର୍ଣ୍ଣୟର ନକଲ ପକ୍ଷମାନଙ୍କୁ ଯୋଗାଇଦେବା ଆବଶ୍ୟକ ଏବଂ ଯେହେତୁ ଅଧିନିର୍ଣ୍ଣୟର ନକଲ ମେସର୍ସ ଭାରତ କୋକିଙ୍ଗ କୋଇଲା ଲିମିଟେଡ଼କୁ ଦିଆଯାଇନଥିଲା, ତେଣୁ ଆପତ୍ତି ଦାଖଲ କରିବାର ପ୍ରଶ୍ନ ଉଠିନଥିଲା । ଏହା ମଧ୍ୟ ଯୁକ୍ତି କରାଯାଇଥିଲା ଯେ ଉକ୍ତ ଅଧିନିର୍ଣ୍ଣୟ ଉପଯୁକ୍ତ ନ୍ୟାୟାଳୟରେ ଦାଖଲ କରାଯାଇନଥିଲା । ତଦନୁସାରେ, ଅଧିନିର୍ଣ୍ଣୟ ଦାଖଲ ତାରିଖ ଠାରୁ ତମାଦି ହେବାର କୌଣସି ପ୍ରଶ୍ନ ନଥିଲା । ଯଦି ଉପଯୁକ୍ତ ନ୍ୟାୟାଳୟରେ ଅଧିନିର୍ଣ୍ଣୟ ଦାଖଲ ନ ହୁଏ, ତେବେ ତମାଦିର କୌଣସି ପ୍ରଶ୍ନ ରହିବ ନାହିଁ ବୋଲି ଏହି ଯୁକ୍ତିର ସମର୍ଥନରେ *ମଧ୍ୟପ୍ରଦେଶ ରାଜ୍ୟ* ବନାମ *ମେସର୍ସ ସାଇଥ ଆଣ୍ଡ ସ୍କେଲଟନ (ପି) ଲିମିଟେଡ଼*, [1972] 1 ଏସସିସି 702 ମାମଲାରେ ଏହି ନ୍ୟାୟାଳୟର ନିର୍ଣ୍ଣୟ ଉପରେ ନିର୍ଭର କରାଯାଇଛି । ଏଠାରେ ଉଲ୍ଲେଖ କରାଯାଇପାରେ ଯେ ମେସର୍ସ ଭାରତ କୋକିଙ୍ଗ କୋଇଲା ଲିମିଟେଡ଼ର ଶ୍ରୀମାନ ଓକିଲ ଅକ୍ଟୋବର 3, 1994 ରେ

ଅଧିନିର୍ଣ୍ଣୟର ଯାଞ୍ଚ କରିଥିଲେ କିନ୍ତୁ ଏହିପରି ଯାଞ୍ଚର ତିରିଶ ଦିନ ମଧ୍ୟରେ ଅଧିନିର୍ଣ୍ଣୟ ଉପରେ ଆପତ୍ତି ଦାଖଲ କରାଯାଇନଥିଲା । ଉକ୍ତ ଯୁକ୍ତିକୁ ଖଣ୍ଡନ କରି, ମେସର୍ସ ସି. କେ. ଆହୁଜା ଏବଂ ଅନ୍ୟ ଜଣଙ୍କ ପକ୍ଷରୁ ହାଜର ହୋଇଥିବା ଶ୍ରୀମାନ ଓକିଲ ଶ୍ରୀ ଭଣ୍ଡାରେ ଯୁକ୍ତି ଦର୍ଶାଇଛନ୍ତି ଯେ ପକ୍ଷମାନଙ୍କ ଅନୁରୋଧକ୍ରମେ ଏହି ନ୍ୟାୟାଳୟ ଦ୍ୱାରା ମଧ୍ୟସ୍ଥତାକୁ ବିଚାରାର୍ଥେ ପ୍ରେରଣ କରାଯାଇଛି । ତଦନୁସାରେ, ଏହି ନ୍ୟାୟାଳୟରେ ମଧ୍ୟସ୍ଥତା ପ୍ରକ୍ରିୟା ଆରମ୍ଭ ହୋଇଛି, ତେଣୁ ଏହି ନ୍ୟାୟାଳୟ ସମ୍ମୁଖରେ ଅଧିନିର୍ଣ୍ଣୟ ଦାଖଲ କରାଯିବା ଆବଶ୍ୟକ । ପରିଣାମସ୍ୱରୂପ ଅଧିନିର୍ଣ୍ଣୟ ଉପରେ ଯଦି କୌଣସି ଆପତ୍ତି ଥାଏ, ତାହା ମଧ୍ୟ ଏହି ନ୍ୟାୟାଳୟ ସମ୍ମୁଖରେ ଦାଖଲ କରିବାର ଆବଶ୍ୟକତା ରହିଛି । ସେ ଏହା ମଧ୍ୟ ଦର୍ଶାଇଛନ୍ତି ଯେ ମେସର୍ସ ଭାରତ କୋକିଙ୍ଗ କୋଇଲା ଲିମିଟେଡ୍ ଦ୍ୱାରା ଏହି ନ୍ୟାୟାଳୟ ସମ୍ମୁଖରେ ଅଧିନିର୍ଣ୍ଣୟ ଦାଖଲ କରିବାରେ ଆରୋପିତ ଅନିୟମିତତା ଉପରେ କୌଣସି ସମୟରେ କୌଣସି ଆପତ୍ତି ଉଠାଯାଇନଥିଲା, ଯଦିଓ ଏପ୍ରିଲ 1994 ରେ ଅଧିନିର୍ଣ୍ଣୟ ଦାଖଲ ବିଷୟରେ ଓକିଲଙ୍କ ନୋଟିସ ଦିଆଯାଇଥିଲା । ଏପରିକି ଏହି ଅଦାଲତରେ ଦାଖଲ ହୋଇଥିବା ଆପତ୍ତି ଆବେଦନରେ, ମେସର୍ସ ଭାରତ କୋକିଙ୍ଗ କୋଇଲା ଲିମିଟେଡ୍ ଦ୍ୱାରା କୌଣସି ଆପତ୍ତି ନିଆଯାଇନାହିଁ ଯେ ଏହି ନ୍ୟାୟାଳୟରେ ଅଧିନିର୍ଣ୍ଣୟ ଦାଖଲ କରାଯିବା ଉଚିତ ନଥିଲା । ତଦନୁସାରେ, ଏହି ଆବେଦନଗୁଡ଼ିକର ଶୁଣାଣୀରେ ଏପରି ଯୁକ୍ତି ଉଠାଇବାକୁ ଅନୁମତି ଦିଆଯିବା ଉଚିତ ନଥିଲା । ଶ୍ରୀ ଭଣ୍ଡାରେ ଏହା ମଧ୍ୟ ଯୁକ୍ତି କରିଛନ୍ତି ଯେ ଯେତେବେଳେ ଅଦାଲତରେ ଅଧିନିର୍ଣ୍ଣୟ ଦାଖଲ କରାଯାଇଛି ଏବଂ ଏହି ନ୍ୟାୟାଳୟର ରେଜିଷ୍ଟ୍ରି ଦ୍ୱାରା ଅଧିନିର୍ଣ୍ଣୟ ଦାଖଲ ବିଷୟରେ ପକ୍ଷମାନଙ୍କର ଶ୍ରୀମାନ ଓକିଲଙ୍କ ଧ୍ୟାନ ଆକର୍ଷଣ କରାଯାଇଛି, ସେତେବେଳେ ଏହିପରି ଅଧିନିର୍ଣ୍ଣୟ ଉପରେ ଆପତ୍ତି ଦାଖଲ କରିବାର ତମାଦି ଅବଧି ନୋଟିସ ତାରିଖ ଠାରୁ ଚାଲିବ । ଯଦିଓ ଆପତ୍ତିକାରୀଙ୍କ ପାଇଁ ଶ୍ରୀମାନ ଓକିଲଙ୍କ ପ୍ରାର୍ଥନାରେ, ପରେ ଏକ ନୂତନ ନୋଟିସ ଜାରି କରାଯାଇଥିଲା; ମେସର୍ସ ଭାରତ କୋକିଙ୍ଗ କୋଇଲା ଲିମିଟେଡ୍‌ର ଶ୍ରୀମାନ ଓକିଲଙ୍କ ଅନୁରୋଧରେ ଏହି କୋର୍ଟ ଦ୍ୱାରା ପରବର୍ତ୍ତୀ ସମୟରେ ଜାରି କରାଯାଇଥିବା ବିଜ୍ଞପ୍ତି ତାରିଖ ଠାରୁ ଏହି ଅଧିନିର୍ଣ୍ଣୟ ଉପରେ ଆପତ୍ତି ଦାଖଲ କରିବାର ତମାଦି ଗଣନା କରାଯାଇପାରିବ ନାହିଁ । ଏହି ଯୁକ୍ତିକୁ ସମର୍ଥନ କରି ଶ୍ରୀ ଭଣ୍ଡାରେ *ଭାରତୀୟ ଖାଦ୍ୟ ନିଗମ ଏବଂ ଅନ୍ୟମାନେ* ବନାମ *ଏସ. କୁଞ୍ଚପ୍ପନ*, ଜେଟି (1993) 4 ଏସସି 90 ମାମଲାରେ ଏହି ନ୍ୟାୟାଳୟର ଏକ ନିର୍ଣ୍ଣୟକୁ ଉଲ୍ଲେଖ କରିଛନ୍ତି । ଉକ୍ତ ନିର୍ଣ୍ଣୟରେ, *ନୀଳକଣ୍ଠ ଭୀମ୍ରାପ୍ପା ନିନୋଶେଟ୍ଟି* ବନାମ *କାଶୀନାଥ ସୋମନ୍ନା ନିନୋଶେଟ୍ଟି ଏବଂ ଅନ୍ୟମାନେ*, [1962 ] 2 ଏସସିଆର 551 ଏବଂ *ଇଣ୍ଡିଆନ ରେୟନ ନିଗମ ଲିମିଟେଡ୍* ବନାମ *ରୌନକ ଆଣ୍ଡ କମ୍ପାନୀ ପ୍ରାଇଭେଟ ଲିମିଟେଡ୍*, [1988] 4 ଏସସିସି 31 ରେ ପ୍ରଦତ୍ତ ଏହି ନ୍ୟାୟାଳୟର ପୂର୍ବ ନିଷ୍ପତ୍ତିକୁ ଉଲ୍ଲେଖ କରାଯାଇଥିଲା । *ଭାରତୀୟ ଖାଦ୍ୟ ନିଗମ* ମାମଲା (ପୂର୍ବୋକ୍ତ)ର ନିର୍ଣ୍ଣୟରେ ଏହା କୁହାଯାଇଛି ଯେ ନ୍ୟାୟାଳୟରେ ଅଧିନିର୍ଣ୍ଣୟ ଦାଖଲ କରିବାର ଆଇନଗତ ବାଧ୍ୟତା ମଧ୍ୟସ୍ଥିଙ୍କ ଉପରେ ଏକ ଆଇନଗତ ବାଧ୍ୟତାମୂଳକ ଏବଂ ଯେତେବେଳେ ଅଧିନିର୍ଣ୍ଣୟ ନ୍ୟାୟାଳୟରେ ଦାଖଲ କରାଯାଇଥିଲା ଏବଂ ପକ୍ଷମାନେ ନ୍ୟାୟାଳୟରେ ଏପରି ଅଧିନିର୍ଣ୍ଣୟ ଦାଖଲ ବିଷୟରେ ଅବଗତ ଥିଲେ, ସେତେବେଳେ ଆପତ୍ତି ଦାଖଲ କରିବାର ସୀମା ପକ୍ଷମାନଙ୍କୁ ସୂଚିତ କରାଯାଉଥିବା ଅଧିନିର୍ଣ୍ଣୟ ଦାଖଲ ତାରିଖ ଠାରୁ ଚାଲିବ, ଏବଂ ପରବର୍ତ୍ତୀ କାଳରେ କୌଣସି ତାରିଖ ଠାରୁ ନୁହେଁ ଯେବେକି ଏହିପରି ଅଧିନିର୍ଣ୍ଣୟ ଦାଖଲ କରିବାର ବିଜ୍ଞପ୍ତି ପରବର୍ତ୍ତୀ କାଳରେ ସମ୍ପୃକ୍ତ ପକ୍ଷମାନଙ୍କୁ ଜାରି କରାଯାଇଥିଲା ।

ଶ୍ରୀ ଭଣ୍ଡାରେ ଯୁକ୍ତି କରିଛନ୍ତି ଯେ ତତ୍କାଳୀନ ମାମଲାରେ ଏହି ନ୍ୟାୟାଳୟର ରେଜିଷ୍ଟ୍ରି ଏପ୍ରିଲ 1994 ରେ ବିଶେଷ ଭାବରେ ଓକିଲଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ, କିନ୍ତୁ ଏ'ପରି ଅବଗତି ସତ୍ତ୍ୱେ, ଆବେଦନକାରୀ; ମେସର୍ସ ଭାରତ କୋକିଙ୍ଗ

କୋଇଲା ଲିମିଟେଡ଼ ଉକ୍ତ ଅଧିନିର୍ଣ୍ଣୟ ଉପରେ କୌଣସି ଆପତ୍ତି ଦାଖଲ କରିବାକୁ ଚାହିଁନଥିଲେ । 3 ଅକ୍ଟୋବର, 1994 ରେ ଅଧିନିର୍ଣ୍ଣୟକୁ ଯାଞ୍ଚ କରିବା ପରେ ମଧ୍ୟ, ଏହିପରି ଯାଞ୍ଚର ତିରିଶ ଦିନ ମଧ୍ୟରେ ଆପତ୍ତି ଦାଖଲ କରାଯାଇନାହିଁ, କିନ୍ତୁ ଆପତ୍ତି 20 ନଭେମ୍ବର, 1994 ରେ ହିଁ ଦାଖଲ କରାଯାଇଛି । ତଦନୁସାରେ, ଅଧିନିର୍ଣ୍ଣୟ ଉପରେ ଆପତ୍ତି ବିଚାର କରାଯିବା ଉଚିତ ନୁହେଁ କାରଣ ଏହା ଆଶାତୀତ ଭାବରେ ତମାଦି ଦ୍ୱାରା ପ୍ରତିବନ୍ଧିତ ।

ଆମ୍ଭ ମତରେ, ଶ୍ରୀ ଭଣ୍ଡାରେଙ୍କ ଦ୍ୱାରା ଉଠାଯାଇଥିବା ଯୁକ୍ତି ସମ୍ପୂର୍ଣ୍ଣ ନ୍ୟାୟସଙ୍ଗତ । ଏହି ନ୍ୟାୟାଳୟର ରେଜିଷ୍ଟ୍ରି ଏପ୍ରିଲ, 1994 ରେ ଅଧିନିର୍ଣ୍ଣୟ ଦାଖଲ ବିଷୟରେ ପକ୍ଷମାନଙ୍କ ତରଫର ଶ୍ରୀମାନ ଓକିଲଙ୍କୁ ନୋଟିସ ଦେଇଥିଲେ । ଏହା କାହାରି ମାମଲା ନୁହେଁ ଯେ କୌଣସି ପକ୍ଷ ତରଫରୁ ଏପରି ନୋଟିସ ନେବା ପାଇଁ ଓକିଲଙ୍କର ପ୍ରାଧିକାର ଥିଲା । ଅଧିନିର୍ଣ୍ଣୟର ଯାଞ୍ଚ କରିବା ପାଇଁ ଓକିଲଙ୍କ ପାଇଁ ମଧ୍ୟ ଉନ୍ମୁକ୍ତ ଥିଲା । ବାସ୍ତବରେ, ତା 3 ଅକ୍ଟୋବର 1994 ରିଖରେ ମଧ୍ୟ ଏଭଳି ଯାଞ୍ଚ କରାଯାଇଥିଲା, କିନ୍ତୁ ଏପ୍ରିଲ 1994 ରେ ରେଜିଷ୍ଟ୍ରି ଦ୍ୱାରା ଦିଆଯାଇଥିବା ନୋଟିସ କିମ୍ବା ତା 3 ଅକ୍ଟୋବର 1994 ରେ ଅଧିନିର୍ଣ୍ଣୟ ଯାଞ୍ଚ ତାରିଖ ଠାରୁ ତିରିଶ ଦିନ ମଧ୍ୟରେ କୌଣସି ଆପତ୍ତି ଦାଖଲ କରାଯାଇନଥିଲା । *ମଧ୍ୟ ପ୍ରଦେଶ ରାଜ୍ୟ* ବନାମ *ମେସର୍ସ ସାଇଥ ଆଣ୍ଡ ସ୍କେଲଟନ (ପି) ଲିମିଟେଡ଼,* [1972] 1 ଏସସିସି 702 ମାମଲାରେ ଏହି ନ୍ୟାୟାଳୟ ରାୟ ଦେଇଛନ୍ତି ଯେ, ଯେଉଁ କ୍ଷେତ୍ରରେ ପକ୍ଷମାନଙ୍କ ସମ୍ମତି ଦ୍ୱାରା ସର୍ବୋଚ୍ଚ ନ୍ୟାୟାଳୟ ଦ୍ୱାରା ମଧ୍ୟସ୍ଥ ନିଯୁକ୍ତ ହୋଇଥିଲେ ଏବଂ ଉକ୍ତ ଆଦେଶରେ ଆଉ କୌଣସି ନିର୍ଦ୍ଦେଶ ଦିଆଯାଇନଥିଲା, ଯାହା ସୂଚିତ କରେ ଯେ ସର୍ବୋଚ୍ଚ ନ୍ୟାୟାଳୟ ଅଧିନିର୍ଣ୍ଣୟ କିମ୍ବା ଅଧିନିର୍ଣ୍ଣୟରୁ ଉତ୍ପନ୍ନ ପ୍ରସଙ୍ଗଗୁଡ଼ିକର ମୁକାବିଲା କରିବା ପାଇଁ ନିଜର କ୍ଷେତ୍ରାଧିକାରିତାରୁ ନିଜକୁ ବଞ୍ଚିତ କରିନଥିଲେ, ସେହି କ୍ଷେତ୍ରରେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସର୍ବୋଚ୍ଚ ନ୍ୟାୟାଳୟ ବିଚାରପୀଠ ଅଟେ । ଉକ୍ତ ନିର୍ଣ୍ଣୟରେ ଆହୁରି ମଧ୍ୟ କୁହାଯାଇଛି ଯେ ଏପରି କ୍ଷେତ୍ରାଧିକାରିତା ରଖିଥିବା ଅନ୍ୟ କୌଣସି ନ୍ୟାୟାଳୟର ଅନୁପସ୍ଥିତିରେ, ଏକମାତ୍ର ଉପସଂହାର ଯାହା ସମ୍ଭବ ତାହା ଏହିକି ଯେ ପରବର୍ତ୍ତୀ ଆଦେଶ କେବଳ ସେହି ନ୍ୟାୟାଳୟ ଦ୍ୱାରା ପାରିତ ହେବା ଆବଶ୍ୟକ ଯାହା ଆଦେଶ ପାରିତ କରିଥିଲେ, ଯଥା, ସର୍ବୋଚ୍ଚ ନ୍ୟାୟାଳୟ । ଶ୍ରୀ ଭଣ୍ଡାରେ *ପଞ୍ଜାବ ରାଜ୍ୟ ବିଦ୍ୟୁତ ବୋର୍ଡ* ବନାମ *ଲୁଧିଆନା ଷ୍ଟିଲସ ଘରୋଇ ଲିମିଟେଡ଼,* [1993] 1 ଏସସିସି 205 ମାମଲାରେ ଏହି ନ୍ୟାୟାଳୟ ପରବର୍ତ୍ତୀ ନିର୍ଣ୍ଣୟ ଉପରେ ନିର୍ଭର କରିଛନ୍ତି, ତାଙ୍କ ଏହି ଯୁକ୍ତିର ସମର୍ଥନରେ ଯେ ଯେତେବେଳେ ଏହି ନ୍ୟାୟାଳୟ ଦ୍ୱାରା ମଧ୍ୟସ୍ଥତା ବିଷୟରେ ଉଲ୍ଲେଖ କରାଯାଇଥିଲା, ସେତେବେଳେ ଅଧିନିର୍ଣ୍ଣୟ କେବଳ ଏହି ନ୍ୟାୟାଳୟରେ ଦାଖଲ କରାଯିବ । ଆମ୍ଭେ କେବଳ ସୂଚାଇ ପାରିବା ଯେ ଉକ୍ତ ନିର୍ଣ୍ଣୟର ଏକ ସ୍ୱତନ୍ତ୍ର ବୈଶିଷ୍ଟ୍ୟ ଅଛି ଯେହେତୁ ସେହି ମାମଲାରେ ମଧ୍ୟସ୍ଥତା ବିଷୟରେ ଉଲ୍ଲେଖ କରିବା ପରେ, ଏହି ନ୍ୟାୟାଳୟ ନିର୍ଦ୍ଦିଷ୍ଟ ଭାବରେ ନିର୍ଦ୍ଦେଶ ଦେଇଛନ୍ତି ଯେ ଅଧିନିର୍ଣ୍ଣୟ ଏହି ନ୍ୟାୟାଳୟର ରେଜିଷ୍ଟ୍ରିକୁ ପଠାଯିବ । ଯେକୌଣସି ପରିସ୍ଥିତିରେ, ଯଦିଓ ଏହା ଅନୁମାନ କରାଯାଏ ଯେ ଏହି ନ୍ୟାୟାଳୟର ରେଜିଷ୍ଟ୍ରି ଦ୍ୱାରା ଅଧିନିର୍ଣ୍ଣୟ ଦାଖଲ କରିବାର ବିଜ୍ଞପ୍ତି ଦିଆଯାଇଥିବା ସମୟରେ ଅନ୍ୟ ନ୍ୟାୟାଳୟରେ ଅଧିନିର୍ଣ୍ଣୟ ଦାଖଲ କରାଯିବା ଉଚିତ, ବିଚାରପୀଠ ବିଷୟରେ ଆପତ୍ତି ସମେତ ଅଧିନିର୍ଣ୍ଣୟ ଉପରେ ଆପତ୍ତି ଏହି ନ୍ୟାୟାଳୟ ସମ୍ମୁଖରେ ଉଠାଯିବା ଉଚିତ ଏବଂ ଏହି ନ୍ୟାୟାଳୟର ରେଜିଷ୍ଟ୍ରି ଦ୍ୱାରା ଦିଆଯାଇଥିବା ଅଧିନିର୍ଣ୍ଣୟ ଦାଖଲ କରିବାର ନୋଟିସକୁ ସମ୍ପୂର୍ଣ୍ଣ ଅଣଦେଖା କରିବା ପକ୍ଷମାନଙ୍କ ପାଇଁ ଉନ୍ମୁକ୍ତ ରହିବ ନାହିଁ । ଆମ୍ଭେ ଏଠାରେ ଏହା ମଧ୍ୟ ସୂଚାଇ ପାରିବା ଯେ ଆପତ୍ତି ଆବେଦନରେ ଏହା ଅନୁରୋଧ କରାଯାଇ ନାହିଁ ଯେ ଏହି ନ୍ୟାୟାଳୟରେ ଅଧିନିର୍ଣ୍ଣୟ ଦାଖଲ କରିବାରେ କୌଣସି ଅନିୟମିତତା ହୋଇଛି । ତଦନୁସାରେ, ଏହି ପର୍ଯ୍ୟାୟରେ ଏପରି ଆପତ୍ତି ଉଠାଇବାକୁ ଅନୁମତି ଦିଆଯିବା ଉଚିତ ନୁହେଁ କାରଣ ଅଧିନିର୍ଣ୍ଣୟ ଉପରେ ଆପତ୍ତି ତମାଦି

ଅବଧିର ଦୀର୍ଘ ସମୟ ପରେ ଦାଖଲ କରାଯାଇଛି, ଏହାକୁ ଖାରଜ କରାଯିବା ଉଚିତ । ଆମ୍ଭେ ଏଠାରେ ଏହା ମଧ୍ୟ ସୂଚାଇ ପାରିବା ଯେ ଗୁଣବତ୍ତା ଆଧାରରେ ମଧ୍ୟ, ଆମ୍ଭେ ଭାବୁନାହୁଁ ଯେ ଅଧିନିର୍ଣ୍ଣୟ ବିରୋଧରେ କୌଣସି ହସ୍ତକ୍ଷେପ ଆବଶ୍ୟକ । ତେଣୁ ଆମ୍ଭେ ଅନ୍ତର୍ବର୍ତ୍ତୀ ଆବେଦନ ସଂଖ୍ୟା 9 ରୁ 12/1994 କୁ ଅନୁମତି ଦେଉଛୁ ଏବଂ ଅଧିନିର୍ଣ୍ଣୟକୁ ନ୍ୟାୟାଳୟର ନିୟମ କରିବାକୁ ନିର୍ଦ୍ଦେଶ ଦେଉଛୁ । ଆମ୍ଭଙ୍କୁ ଏହା ମଧ୍ୟ ଜଣାପଡୁଛି ଯେ ମାମଲାର ତଥ୍ୟରେ, ଆବେଦନକାରୀ ମେସର୍ସ ସି. କେ. ଆହୁଜା ଏବଂ ଅନ୍ୟଜଣେ ଅଧିନିର୍ଣ୍ଣୟ ତାରିଖ ଠାରୁ ଆଦାୟ ହେବା ପର୍ଯ୍ୟନ୍ତ 12 ପ୍ରତିଶତ ହାରରେ ସୁଧ ପାଇଁ ଅଧିନିର୍ଣ୍ଣୟ ପାଇବାକୁ ହକଦାର । ତଦନୁସାରେ ଅନ୍ତର୍ବର୍ତ୍ତୀ ଆବେଦନଗୁଡ଼ିକର ଫଏସଲା କରାଯାଉଛି । ଖର୍ଚ୍ଚ ବିଷୟରେ କୌଣସି ଆଦେଶ ରହିବ ନାହିଁ ।

ୟୁ. ଆର.

ଆବେଦନଗୁଡ଼ିକୁ ଫଏସଲା କରାଗଲା ।

## ଅସ୍ୱୀକରଣ

"ଉପଭାଷାରେ ଅନୁବାଦିତ ରାୟ କେବଳ ମୋକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଂଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟାବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

**ଅନୁବାଦିକା : ଶ୍ରୀମତୀ ଜୟା ମୁଖାର୍ଜୀ,**
**ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ**